# ନିଜେ ବାନ୍ଧିହୋଇ ସାଙ୍ଗ ଦ୍ୱାରା ସ୍ତ୍ରୀଙ୍କୁ ହତ୍ୟା

## ମୁଖ୍ୟ ଅଭିଯୁକ୍ତ ସ୍ୱାମୀଙ୍କ ସମେତ ୩ ଗିରଫ

କୋରାପୁଟ/ନନ୍ଦପୁର,୫ା୧୧ (ଅମିତାଭ ବେହେରା/ ସୁନୀଲ କୁମାର ପଣ୍ଡା)




ସ୍ତ୍ରୀଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚି ନିଜକୁ ଗଛରେ ବାନ୍ଧି ହେବାର ଅଭିନୟ କରିବା ସହ ୨ ବନ୍ଧୁଙ୍କ ଦ୍ୱାରା ସ୍ତ୍ରୀଙ୍କୁ ହତ୍ୟା କରିବା ଘଟଣାର ମଙ୍ଗଳବାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା ମୃତା ମହିଳାଙ୍କ ସ୍ୱାମୀ ମହେନ୍ଦ୍ର ଖରା(୨୧)ଙ୍କ ସମେତ ତାଙ୍କର ୨ସାଙ୍ଗ ମହେଶ ମାଲି(୨୧) ଓ ସୋମନାଥ ଭୋଇ(୧୯)ଙ୍କୁ କୋରାପୁଟ ଜିଲା ନନ୍ଦପୁର ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ଗୋଟିଏ ବାଇକ୍, ୨ ଲାଠି, ଦଉଡ଼ି ଓ ମୋବାଇଲ ଜବତ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ସୁନାବେଡ଼ା ଏସ୍‌ଡିପିଓ ମନବ୍ରତା ଶତପଥୀ ସୂଚନା ଦେଇଛନ୍ତି। ପାରିବାରିକ ସମସ୍ୟା ଯୋଗୁ ସ୍ୱାମୀ ମହେନ୍ଦ୍ର ଗତ ଏକ ସପ୍ତାହ ଧରି ସ୍ତ୍ରୀ ସାବିତ୍ରୀ ଖରାଙ୍କୁ କିପରି ହତ୍ୟା କରିବେ ସେ ନେଇ ଯୋଜନା କରି ଆସୁଥିଲେ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ସୋମବାର ସକାଳୁ ନନ୍ଦପୁର ଥାନା ଅନ୍ତର୍ଗତ କୁମାରଗନ୍ଧଣା ପଞ୍ଚାୟତ ହାରିଆମୁଣ୍ଡା ଗ୍ରାମର ମହେନ୍ଦ୍ର ଖରା ତାଙ୍କ ସ୍ତ୍ରୀ ସାବିତ୍ରୀଙ୍କୁ ନେଇ ଆଧାର ଅପ୍‌ଡେଟ କରିବାକୁ ଆଧାର କେନ୍ଦ୍ରକୁ ଯାଇଥିଲେ। ଆଧାରକେନ୍ଦ୍ରରୁ କାମ ସାରି ବାଇକ୍‌ରେ ଘରକୁ ଫେରିବା ସମୟରେ ସ୍ଥାନୀୟ ଖୁଡୁପି ଛକଠାରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିବା ସହିତ ନିକଟରେ ଥିବା ଏକ ଗଛରେ ବାନ୍ଧି ସ୍ତ୍ରୀଙ୍କୁ ହତ୍ୟା କରିଥିବାନେଇ ମହେନ୍ଦ୍ର ସ୍ଥାନୀୟ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଏନେଇ ମଙ୍ଗଳବାର ସକାଳେ ନନ୍ଦପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୨୨/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରେ ନନ୍ଦପୁର ଥାନା ଅଧିକାରୀ ପାଣ୍ଡବ ଶବରଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀ ଓ କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ସୁନାବେଡ଼ା ଏସ୍‌ଡିପିଓ ଶତପଥୀଙ୍କ ତତ୍ତ୍ୱାବଧାନରେ ତଦନ୍ତ ଚାଲିଥିବା ବେଳେ ମହେନ୍ଦ୍ରଙ୍କ ମୋବାଇଲ କଲ୍ ଯାଞ୍ଚ ପରେ ଘଟଣାର ରହସ୍ୟ ପଦାକୁ ଆସିଥିଲା। ସ୍ୱାମୀ ମହେନ୍ଦ୍ର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡ଼ିଥିଲା। ତାଙ୍କୁ ଜେରା କରିବା ପରେ ଏଥିରେ ଦୁଇ ସାଙ୍ଗ ମହେଶ ଓ ସୋମନାଥ ସହାୟତା କରିଥିବା ମହେନ୍ଦ୍ର ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ୩ଜଣଙ୍କୁ ଗିରଫ ସହ କୋର୍ଟଚାଲାଣ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଗାର୍ଡଙ୍କଠୁ ବାଡ଼ି ଛଡ଼ାଇ ପୋଲିସକୁ ପିଟିଲେ ଅଭିଯୁକ୍ତ

ଭଦ୍ରକ,୫ା୧୧(ସନାତନ ରାଉତ)

- ଭିତରୁ ଲକ୍ କରିଦେବାରୁ ୪୦ ମିନିଟ୍ ବନ୍ଦ ରହିଲା ଡାକ୍ତରଖାନା ଆଉଟ୍‌ଡୋର
- ଭୟଭୀତ ଅବସ୍ଥାରେ ଭିତରେ ଥିଲେ ୨ ମହିଳା ଡାକ୍ତର



ଡାକ୍ତରୀ ପରୀକ୍ଷା ପାଇଁ ପୋଲିସ ସାଙ୍ଗରେ ଆସିଥିବା ଜଣେ ଅଭିଯୁକ୍ତ ମଙ୍ଗଳବାର ଅପରାହ୍ନରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ସେଠାରେ ଥିବା ସିକ୍ୟୁରିଟି ଗାର୍ଡଙ୍କ ହାତରୁ ବାଡ଼ି ଛଡ଼ାଇନେଇ ସେ ପୋଲିସକୁ ପିଟିଛନ୍ତି। ଏପରିକି ଆଉଟଡୋରକୁ ଭିତରୁ ଲକ୍ କରିଦେବାରୁ ପ୍ରାୟ ୪୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ବନ୍ଦ ରହିଥିଲା। ସମ୍ପୃକ୍ତ ଅଭିଯୁକ୍ତ ଭିତରେ ଥିବାବେଳେ ରୋଗୀ ଦେଖିବା ପାଇଁ ବସିଥିବା ୨ ମହିଳା ଡାକ୍ତର ଭୟଭୀତ ଅବସ୍ଥାରେ ରହିଥିଲେ।

ସୂଚନା ଅନୁଯାୟୀ, ପୁରୁଣାବଜାର ଥାନା ଅଧୀନ ନୂଆସାହିର ବାବା ଖାଁ(୪୨) ପାରିବାରିକ ଘଟଣାକୁ ନେଇ ଘରେ ମାର୍‌ପିଟ୍ କରିବା ସହ ଗାଁ ଲୋକଙ୍କୁ ମଧ୍ୟ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଏଥିରେ ୮ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବାବେଳେ ସେ ଗାଁରେ ଆତଙ୍କ ଖେଳାଇଥିଲେ। ଗ୍ରାମବାସୀ ଜଣାଇବା ପରେ ପୁରୁଣାବଜାର ଥାନା ପୋଲିସ ପହଞ୍ଚି ବାବାଙ୍କୁ କାବୁ କରି ଥାନାକୁ ନେଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୩୦୬/୨୪) ରୁଜୁ କରି ଅଭିଯୁକ୍ତ ବାବାଙ୍କୁ କୋର୍ଟଚାଲାଣ ପୂର୍ବରୁ ଡାକ୍ତରୀ ପରୀକ୍ଷା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ପୋଲିସ ଗାଡ଼ିରୁ ତାଙ୍କୁ ଆଉଟଡୋରକୁ ନିଆଯିବା ପରେ ସେଠାରେ ଏଭଳି କାଣ୍ଡ ଘଟାଇଥିଲେ। ସବ୍‌ଇନ୍ସପେକ୍ଟର ଦୀପ୍ତିରେଖା ସ୍ୱାଇଁଙ୍କୁ ବାଡ଼ିରେ ପିଟିବା ସହ କନ୍‌ଷ୍ଟେବଲ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ପେପରୱେଟ୍ ଫିଙ୍ଗିଥିଲେ। ଆକ୍ରମଣରେ ଭୟଭୀତ ହୋଇ ପୋଲିସ କର୍ମଚାରୀମାନେ ବାହାରକୁ ପଳାଇ ଆସିବା ପରେ ଅଭିଯୁକ୍ତ କୋଠରି ଭିତରୁ ଲକ୍ କରି ଦେଇଥିଲେ। ଖବର ପାଇ ବହୁ ସଂଖ୍ୟାରେ ପୋଲିସ ଫୋର୍ସ ପହଞ୍ଚିଥିଲେ। ପରେ ନୂଆସାହିର ଜଣେ ଯୁବକ ତାଙ୍କୁ ବୁଝାଶୁଝା କରିବା ପରେ ବାବା ଆଉଟ୍‌ଡୋର କବାଟ ଖୋଲିଥିଲେ। ପୋଲିସ ଫୋର୍ସ ଭିତରେ ପଶି ତାଙ୍କୁ କାବୁ କରି ଥାନାକୁ ନେଇଥିଲେ। ମେଡିକାଲରେ ଏହି ହାଇଡ୍ରାମା ଦୀର୍ଘ ସମୟ ଚାଲିଥିବା ବେଳେ ପରିସର ଲୋକାରଣ୍ୟ ହୋଇପଡ଼ିଥିଲା। ପୂର୍ବରୁ ଅଭିଯୁକ୍ତ ବାବା ଖାଁ ଗାଁରେ ବହୁବାର ମାର୍‌ପିଟ୍ କରିଥିବା ବେଳେ ତାଙ୍କ ନାମରେ ଏକାଧିକ ମାମଲା ଥିବା ସବ୍‌ଇନ୍ସପେକ୍ଟର ସ୍ୱାଇଁ କହିଛନ୍ତି।

# ୩ ଭାଇଙ୍କୁ ୪ ବର୍ଷ ଲେଖାଏ ଜେଲ

## ମା', ଝିଅଙ୍କୁ ଅସଦାଚରଣ ମାମଲା

ବ୍ରହ୍ମପୁର,୫ା୧୧(ସୁବାସ ଚନ୍ଦ୍ର ପାଢ଼ୀ)

ମା' ଝିଅଙ୍କୁ ଅସଦାଚରଣ ମାମଲାର ବିଚାରକରି ବ୍ରହ୍ମପୁର ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ମଙ୍ଗଳବାର ଏକ ଅସଦାଚରଣ ମାମଲାର ଅଭିଯୁକ୍ତ ୩ ଭାଇଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଆସିକା ଥାନା ଅଞ୍ଚଳର ତ୍ରିଲୋଚନ ବାରିକ(୪୨), ସନ୍ତୋଷ କୁମାର ବାରିକ(୪୦) ଓ ପୂର୍ଣ୍ଣଚନ୍ଦ୍ର ବାରିକ ଓରଫ ପୁନିଆ (୩୫)। ମୁଖ୍ୟ ଅଭିଯୁକ୍ତ ତ୍ରିଲୋଚନଙ୍କୁ ଜଜ୍ ୩ଟି ଦଫାରେ ୪ ବର୍ଷ ଜେଲ ସହ ୩୦,୫୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ୧୦ଦିନ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ତ୍ରିଲୋଚନଙ୍କ ଅନ୍ୟ ୨ ଭାଇଙ୍କୁ ୪ ବର୍ଷ ଜେଲ ସହ ୧୫,୫୦୦ ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ସେମାନେ ଅଧିକ ୩ ମାସ ୧୦ଦିନ ଜେଲ ଭୋଗିବେ। ଅଭିଯୁକ୍ତମାନଙ୍କଠାରୁ ଆଦାୟ ଟଙ୍କା ଉଭୟ ପୀଡ଼ିତାଙ୍କୁ ଦେବାକୁ ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ସେମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ହୋଇଛି।

ଆସିକା ଥାନା ଅଞ୍ଚଳରେ ରହୁଥିବା ୧୫ ବର୍ଷୀୟା ନାବାଳିକା ୨୦୧୭ ମାର୍ଚ୍ଚ ୨୮ ତାରିଖ ସନ୍ଧ୍ୟାରେ ପୋଖରୀରୁ ଗାଧୋଇ ଘରକୁ ଫେରିଥିଲେ। ଘରେ ସେ ପୋଷାକ ପରିବର୍ତ୍ତନ କରୁଥିବା ବେଳେ ତ୍ରିଲୋଚନ ଭିତରକୁ ଯାଇ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଝିଅର ଚିତ୍କାର ଶୁଣି ମା'ସେଠାକୁ ଆସି ତ୍ରିଲୋଚନଙ୍କୁ ତାଗିଦା କରିଥିଲେ। ସେ ନାବାଳିକାଙ୍କୁ ଛାଡି ଦେଇ ତାଙ୍କ ମା'ଙ୍କ ଚୁଟି ଘୋଷାଡି ତାଙ୍କୁ ଦାଣ୍ଡକୁ ଆଣିଥିଲେ। ପରେ ତ୍ରିଲୋଚନଙ୍କ ଅନ୍ୟ ଦୁଇଭାଇ ମିଶି ମା' ଝିଅଙ୍କୁ ଅସଦାଚରଣ କରିଥିଲେ। ତାଙ୍କର ମର୍ଯ୍ୟାଦା ହାନି ଘଟିବା ସହ ସେମାନଙ୍କୁ ଆକ୍ରମଣ କରାଯାଇଥିବା ନେଇ ମହିଳା ଜଣକ ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୭/୧୭ରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୨ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ଶିଙ୍ଗାରି ମାମଲା ପରିଚାଳନା କରିଥିଲେ।

# ଶିଳ୍ପ ନିର୍ଦ୍ଦେଶକଙ୍କ କ୍ୱାର୍ଟର୍ସରୁ ଚୋରି ଉଦ୍ୟମ ଘଟଣା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୫ା୧୧(ସତ୍ୟଜିତ୍ ରାଉତ)


ସମୟ ନାୟକ

ଓଡ଼ିଶା ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ବରିଷ୍ଠ ଆଇଏଏସ୍ ଅଫିସର ପ୍ରଶାନ୍ତ କୁମାର ରେଡ୍ଡୀଙ୍କ ନୟାପଲ୍ଲୀ ଆଇଆର୍‌ସି ଭିଲେଜ ଭିଆଇପି କଲୋନୀସ୍ଥିତ ସରକାରୀ କ୍ୱାର୍ଟର ନଂ.ଏ-୬ରୁ ଚୋରି ଉଦ୍ୟମ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ଶହୀଦ ଲକ୍ଷ୍ମଣ ନାୟକ ବେହେରା ବସ୍ତିରେ ରହୁଥିବା ନୟାଗଡ଼ ଜିଲା ଟାଉନ ଥାନା ଅଞ୍ଚଳର ସମୟ ନାୟକ ଓରଫ ଗଲୁଆ (୧୯)। କୋର୍ଟଚାଲାଣ ପରେ ଗଲୁଆଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନିର୍ଦ୍ଦେଶକ ରେଡ୍ଡୀ ଓ ତାଙ୍କ ପରିବାର ସଦସ୍ୟ କିଛିଦିନ ହେବ କ୍ୱାର୍ଟରରେ ଅନୁପସ୍ଥିତ ଥିବାବେଳେ ଦୁଇଜଣ ସୁରକ୍ଷାକର୍ମୀ ଦିନରାତି ପାଳି କରି ଜଗୁଛନ୍ତି। ଗତ ଶୁକ୍ରବାର ଦିନବେଳା ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ଅପରାହ୍ନ ପ୍ରାୟ ୫ଟାରେ କୌଣସି ଚାଲିଯାଇଥିଲେ। ଏହାର ସୁଯୋଗ ନେଇ ଗଲୁଆ ମୁଖ୍ୟଗେଟ୍ ତାଲାକୁ ଶାବଳରେ ଭାଙ୍ଗିଘର ଭିତରେ ପଶିଥିଲେ। ଗଲୁଆ ଗଦ୍‌ରେଜ ଆଲମିରାକୁ ସ୍କ୍ରୁ-ଡ୍ରାଇଭରରେ ଖୋଲି ମୂଲ୍ୟବାନ ସାମଗ୍ରୀ ଚୋରି କରିବାକୁ ଉଦ୍ୟମ କରୁଥିବାବେଳେ ଅନ୍ୟ ଜଣେ ସିକ୍ୟୁରିଟି ଗାର୍ଡ ଆସିଯାଇଥିଲେ। ଏହି ସମୟରେ ଗଲୁଆ ପଛପାଖ ଗେଟ୍ ତାଲା ଭାଙ୍ଗି ଖସିପଳାଇଥିଲେ। ଏନେଇ ରେଡ୍ଡୀଙ୍କ ସମ୍ପର୍କୀୟ ପ୍ରତିସ୍ୱରୂପ ଲେଙ୍କା ନୟାପଲ୍ଲୀ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ. ୬୪୯/୨୦୨୪) ରୁଜୁ କରି ତଦନ୍ତ କରିଥିଲା।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ରାଉରକେଲା/ ବେଦବ୍ୟାସ, ୫ା୧୧ (ସଙ୍ଗୀତା ଜେନା/ ଆଲୋକ ସ୍ୱାଇଁ)

ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ୨ଦିନ ତଳେ ଜଣେ ନାବାଳିକା(୧୫)ଙ୍କୁ କୋଲ୍ ଡ୍ରିଙ୍କ୍‌ସରେ ନିଶା ଦେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମଙ୍ଗଳବାର ଅଭିଯୁକ୍ତ ଶଶାଙ୍କ ଶେଖର ପ୍ରଧାନ(୫୫)ଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଗତ ୩ ତାରିଖରେ ଅଭିଯୁକ୍ତ ଶଶାଙ୍କ ଉକ୍ତ ନାବାଳିକାଙ୍କୁ ନିଜ ଘରକୁ କାମ କରିବା ପାଇଁ ଡାକିଥିଲେ। ସେ ଘରେ ପହଞ୍ଚିବା ପରେ ତାଙ୍କୁ କୋଲ୍ ଡ୍ରିଙ୍କ୍‌ସରେ ନିଶାଦ୍ରବ୍ୟ ମିଶାଇ ପିଇବାକୁ ଦେଇଥିଲେ। ନାବାଳିକା ଜଣଙ୍କ ବେହୋସ ହୋଇଯିବା ପରେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ଚେତା ଫେରିବା ପରେ ନାବାଳିକା ଘର ଲୋକଙ୍କୁ ସମସ୍ତ କଥା କହିଥିଲେ।

# ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର

**କୁଜଙ୍ଗ, ୫ା୧୧(ମନୋଜ ପ୍ରଧାନ):** ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ତାଙ୍କ ପଡ଼ୋଶୀ ଘର ଯୁବକ ମଙ୍ଗଳବାର ବଳାତ୍କାର କରିଛନ୍ତି। ଏନେଇ ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମହିଳା ଜଣକ ତାଙ୍କ ୧୭ ବର୍ଷୀୟା ଝିଅକୁ ଘରେ ଛାଡ଼ି ନିକଟସ୍ଥ ବ୍ୟାଙ୍କକୁ ଯାଇଥିଲେ। ଘରେ ସମ୍ପୃକ୍ତ ନାବାଳିକାଙ୍କୁ ଏକୁଟିଆ ପାଇ ପଡ଼ୋଶୀ ଯୁବକ ତାଙ୍କୁ ଘରକୁ ଡାକି ନେଇ ଏକ କୋଠରିରେ ବଳାତ୍କାର କରିଥିଲେ। ଏପରିକି ପୀଡ଼ିତାଙ୍କ ଜିଭ ଏବଂ ଓଠକୁ ଅଭିଯୁକ୍ତ ଜଣକ କାମୁଡ଼ି ଦେଇଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

Gram Vikas | C-GEM | PLAN VIVO | FCF INDIA

Gram Vikas, in partnership with FCF India, C-GEM and GVCDF, invites all interested persons to attend the local stakeholder meeting for "Empowering Communities, Enriching Private and Community Lands in Rural Odisha" at **Danekbadi (7th Nov. 2 P.M.), Siangbali (8th Nov. 10 A.M. onwards) and Goccha (9th Nov. 9 A.M.) GP Headquarters**.

ଗ୍ରାମ ବିକାଶ, FCF India, C-GEM ଏବଂ GVCDF ସହ ସହଭାଗିତାରେ, ସମସ୍ତ ଇଚ୍ଛୁକ ବ୍ୟକ୍ତିଙ୍କୁ ଓଡ଼ିଶାର ଗ୍ରାମୀଣ ଅଞ୍ଚଳରେ ''ସମୁଦାୟମାନଙ୍କୁ ସଶକ୍ତ କରିବା, ବ୍ୟକ୍ତିଗତ ଏବଂ ସାମୁଦାୟିକ ଭୂମିକୁ ସମୃଦ୍ଧ କରିବା'' ପାଇଁ ସ୍ଥାନୀୟ ଷ୍ଟେକହୋଲ୍ଡର ସଭାରେ ଯୋଗଦାନ କରିବା ପାଇଁ ଆମନ୍ତ୍ରଣ କରୁଛି। ଏହି ସଭା **ଦାନେକବାଡ଼ି ଗ୍ରାମ ପଞ୍ଚାୟତ ମୁଖ୍ୟାଳୟରେ (୭ ନଭେମ୍ବର ବେଳୁକୁ ୨ଟା), ସିଆଙ୍ଗବାଲିରେ (୮ ନଭେମ୍ବର ସକାଳ ୧୦ଟାରୁ) ଏବଂ ଗୋଚ୍ଛାରେ (୯ ନଭେମ୍ବର ସକାଳ ୯ଟା)ରେ ଆୟୋଜିତ ହେବ।**

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

## ସ୍ତ୍ରୀ ଓ ଝିଅ, ପୁଅଙ୍କୁ ପୋଡ଼ି ହତ୍ୟା ମାମଲା

ବାରିପଦା,୫ା୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଦୌରା ଜଜ୍ କୋର୍ଟ(୧)ରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସତ୍ୟନାରାୟଣ ପାତ୍ର ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୫୨ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୯ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଝାରପୋଖରିଆ ଥାନା ଅଧୀନ ଉଞ୍ଚଗାଁ ଡିପାସାହିର ମଙ୍ଗଳ ମାରାଣ୍ଡି(୩୫)। ମାମଲାର ବିବରଣୀ ଅନୁଯାୟୀ, ସ୍ତ୍ରୀ ସୁରକୁନୀ, ଝିଅ ସରିତା ଓ ପୁଅ ଜଗଦୀଶଙ୍କୁ ନେଇ ମଙ୍ଗଳଙ୍କ ପରିବାର ହସଖୁସିରେ ଚାଲୁଥିଲା । ତେବେ ପରକୀୟା ପ୍ରୀତି ସନ୍ଦେହରେ ମଙ୍ଗଳ ଓ ସୁରକୁନୀଙ୍କ ମଧ୍ୟରେ ଅଧିକାଂଶ ଦିନ ବଚସା ଲାଗିରହୁଥିଲା। ଏନେଇ ପରିବାରରେ ଅଶାନ୍ତି ବଢ଼ିଚାଲିଥିଲା। ୨୦୨୨ ମେ ୧୩ ତାରିଖ ରାତି ୨ଟା ୩୦ମିନିଟରେ ମଙ୍ଗଳ ତାଙ୍କ ଶଳା କାମକର ମାରାଣ୍ଡିଙ୍କୁ ଫୋନ ଯୋଗେ ସୁରକୁନୀ ଓ ଝିଅ, ପୁଅ ଗ୍ୟାସ୍‌ରେ ପୋଡ଼ିହୋଇ ମୃତ୍ୟୁବରଣ କରିଥିବା ନେଇ ଜଣାଇଥିଲେ। କାମକର ଘଟଣାସ୍ଥଳରେ ପହଞ୍ଚି ଭଉଣୀ ଓ ଭାଣିଜୀ,ଭଣଜାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ ପ୍ରକାଶ କରି ଝାରପୋଖରିଆ ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୦୭/୨୨) ରୁଜୁ କରି ଛାନଭିନ୍ କରିଥିଲା। ତଦନ୍ତ ସମୟରେ ଗ୍ୟାସରୁ ନିଆଁ ଲାଗି ନ ଥିବା ଜଣାପଡ଼ିଥିଲା। ମଙ୍ଗଳ ତାଙ୍କ ସ୍ତ୍ରୀ ଓ ଝିଅ, ପୁଅଙ୍କ ଟଣ୍ଟିଚିପି ହତ୍ୟା କରିବା ପରେ ଦୋଷ ଲୁଚାଇବାକୁ କିରୋସିନ ଢାଳି ପୋଡ଼ି ଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ମାମଲା ପରିଚାଳନା କରୁଥିଲେ।

**WANTED**
Immediately wanted **Sales Representative** and **Office Assistant**
Contact : 9338205137 / 9861404151
*Cimit Duplex*
16, Sailashree Vihar, Bhubaneswar-751021

# ଦୋଷୀ ଧରମ ମାମୁଙ୍କୁ ଆଜୀବନ କାରାଦଣ୍ଡ

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା

## ୨ମାସରେ ରାୟ ପ୍ରକାଶ

ବାଲେଶ୍ୱର, ୫ା୧୧(ବାଞ୍ଛାନିଧି ଦେ)

ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାର ୨ ମାସ ମଧ୍ୟରେ ମଙ୍ଗଳବାର ରାୟ ଶୁଣାଇଛନ୍ତି ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ। ଜଳଖିଆ ଖୁଆଇବା ନାଁରେ ଏଭଳି ନୃଶଂସ କାଣ୍ଡ ଘଟାଇଥିବା ଅଭିଯୁକ୍ତ ଧରମ ମାମୁଙ୍କୁ ବିଚାରପତି ରଞ୍ଜନ କୁମାର ସୂତାର ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟ ଅଧିକ ୨ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମୃତ ନାବାଳିକାଙ୍କ ପରିବାରକୁ ୯ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ରବି ସିଂ(୪୬) ବୃତ୍ତିରେ ଜଣେ ଦିନମଜୁରିଆ। ନାବାଳିକାଙ୍କ କକା ଓ ପରିବାର ସହ ଅଳ୍ପ ଦିନ ମଧ୍ୟରେ ସେ ସମ୍ପର୍କ ସ୍ଥାପନ କରିଥିଲେ। ଗତ ଅଗଷ୍ଟ ୨୭ ତାରିଖ ସକାଳ ୮ଟାରେ ସେ ନାବାଳିକାଙ୍କୁ ଜଳଖିଆ ଓ ଡ୍ରେସ୍ କିଣିଦେବାକୁ କହି ଗଣେଶ୍ୱରପୁର ବଜାରକୁ ନେଇଥିଲେ। ବଜାରରୁ ଜଳଖିଆ କିଣି ଯୋଜନାକ୍ରମେ ନିକଟସ୍ଥ ଗୌରପୁର ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ କୋଠା ନିକଟକୁ ନାବାଳିକାଙ୍କୁ ନେଇଥିଲେ। ସେଠାରେ ସେ ବଳପୂର୍ବକ ବଳାତ୍କାର କରି ପରିବାରରେ କାହାରିକୁ ନ ଜଣାଇବା ପାଇଁ ନାବାଳିକାଙ୍କୁ ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ନାବାଳିକା ସମସ୍ତଙ୍କୁ ଜଣାଇଦେବ ବୋଲି କହିବାରୁ ରବି ଏକ ସିମେଣ୍ଟ ସ୍ଲାବରେ ତା' ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ଘଟଣା ପ୍ରଘଟ ଭୟରେ ରକ୍ତ ଜୁଡୁବୁଡୁ ମୃତଦେହକୁ ଉକ୍ତ କୋଠାର ଛାତ ଉପରେ ଥିବା ଘାସବୁଦା ନିକଟରେ ଫିଙ୍ଗିଦେବା ସହ ପତ୍ର ଘୋଡ଼ାଇ ଦେଇଥିଲେ। ଅପରପକ୍ଷରେ ଝିଅକୁ ଖୋଜାଖୋଜି କରି ପରିବାର ଲୋକେ ନ ପାଇବାରୁ ଧରମ ମାମୁ ରବି ଉପରେ ସନ୍ଦେହ କରିଥିଲେ। ଏ ନେଇ ପରିବାର ପକ୍ଷରୁ ଅଭିଯୋଗ ମୁତାବକ ରେମୁଣା ଥାନାରେ ଗତ ଅଗଷ୍ଟ ୩୦ ତାରିଖରେ ଏକ ମାମଲା (ନଂ. ୧୪୫/୨୪) ରୁଜୁ ହୋଇ ତାଙ୍କୁ ଗିରଫ କରାଯାଇଥିଲା। ୨୩ ଜଣ ସାକ୍ଷୀ ଏବଂ ୪୦ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ଜଜ୍ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ଏହି ମାମଲାର ପରିଚାଳନା କରିଥିଲେ।

# ସାଇବର ଠକେଇ: ଆକାଉଣ୍ଟରୁ କଟିଗଲା ୮୫ ହଜାର

ରାଉରକେଲା,୫ା୧୧ (ସଙ୍ଗୀତା ଜେନା)

ଝିରପାଣି ଥାନା ଅନ୍ତର୍ଗତ କୋଏଲନଗର ଅଞ୍ଚଳରେ ଜଣେ ଯୁବତୀ ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୩/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, କୋଏଲନଗରର ଶ୍ୟାମ ନାୟକଙ୍କ ଝିଅ ରଶ୍ମିମୟୀ ନାୟକ ସ୍ୱାମୀଙ୍କ ସହ କାନାଡାରେ ରହୁଛନ୍ତି। ଗତ କିଛିଦିନ ତଳେ ରଶ୍ମିମୟୀ ରାଉରକେଲା ଆସିଥିଲେ। ସୋମବାର ସନ୍ଧ୍ୟାରେ ତାଙ୍କ କୋରିଅରରେ ଗଞ୍ଜେଇ ଥିବା ନେଇ ତାଙ୍କ ମୋବାଇଲକୁ ଏକ କଲ୍ ଆସିଥିଲା। ଏଥିରୁ ବର୍ତ୍ତିବା ପାଇଁ ରଶ୍ମିଙ୍କୁ ଟଙ୍କା ମଗାଯାଇଥିଲା ଏବଂ ଗୋଟିଏ ଲିଙ୍କ୍ ତାଙ୍କ ମୋବାଇଲକୁ ଆସିଥିଲା। ଏହାକୁ କ୍ଲିକ୍ କରିବା ପରେ ରଶ୍ମିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୮୫ ହଜାର ଟଙ୍କା କଟିଯାଇଥିଲା। ଏହା ଜାଣିବା ପରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୦୧ **ବିଜ୍ଞାପନ** ତା:୦୨।୧୧।୨୪

No. CAD-1541: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଫ୍.ଇ.-୭୬ (FE-76) ବାସନ୍ତୀ ହାଉସିଂ ସ୍କିମ୍, ଫେଜ୍-୪, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଉନକିଶୋର, ପିତା: ୰ଉନାଳଚନା ମୂର୍ତ୍ତି, ଗ୍ରା: ଗାନ୍ଧୀନଗର, ସେକ୍ଟର-ଇ, ପୋ./ଥା.: ବଣ୍ଡମୁଣ୍ଡା, ଜି.: ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ରଞ୍ଜିତ କୁମାର ଶର୍ମା, ପିତା: ୰ନନ୍ଦ କୁମାର ଶର୍ମା, ଗ୍ରା: ଟ୍ରିଥର କଲୋନୀ, ପୋ: ରାଉରକେଲା, ଥା: ପ୍ଲାଣ୍ଟ ସାଇଟ୍, ଜିଲ୍ଲା: ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0323/2425

Annexure - II
**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), BHADRAK (DISTRICT)**
District Website: csobdk@gmail.com
**NOTICE INVITING TENDERS**
Tender No. 5160 Dt.05.11.2024
No. CAD-1547: District Manager, Odisha State Civil Supplies Corporation Ltd., Bhadrak (District) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of foodgrains from FSD, FCI to RRCs |
| 2 | Availability of bid document in the portal | From 05.11.2024 (Date) |
| 3 | Last Date/time for receipt of bids in the portal | Dt.30.11.2024 upto 5.30 P.M. |
| 4 | Date/time of Opening of Technical Bid | Dt.03.12.2024 at 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Bhadrak (District) |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/Retenders etc. if any shall be published only in above websites.

**Sd./- District Manager**
**OSCSC Ltd., Bhadrak**
OIPR-07055/11/0002/2425

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. ELOP-T-10-2024
**କାର୍ଯ୍ୟର ନାମ:** 03 ବର୍ଷ ସମୟାବଧି ନିମନ୍ତେ MEMU କାର ସେଡ୍ / ଖୋର୍ଦ୍ଧା ରୋଡ଼ ଠାରେ MEMU କୋଚ୍‌ଗୁଡ଼ିକରେ ଲଗାଯାଇଥିବା ଜୈବ ଶୌଚାଳୟ (DRDE ଟାଇପ୍) ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଚୁକ୍ତି (AMOC)।
**ବିଜ୍ଞାପିତ ମୂଲ୍ୟ (₹):** 49,29,375.66, EMD (₹): 98,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (₹): 3,540/-, ଶେଷ ହେବା ଅବଧି : 36 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.08.11.2024ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.11.2024 ରିଖ 1700 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ ହେବ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼
PR-699/P/24-25

No. B-550
GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, CUTTACK (R&B) CIRCLE, CUTTACK**
E-mail ID: sectcrb_2006@yahoo.co.in, Tel/Fax: 0671-2301751/2302751
**('e' - PROCUREMENT NOTICE)**
**Bid Identification No. CCE.Ctc.(R&B) 7/2024-25**

1. The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in Double Cover System in ONLINE MODE from eligible contractors for Building Work as mentioned below.
2. No. of Work : 01 No.
3. Nature of Work : Building Work
4. Class of Contractor : 'B' & 'A' Class
5. Tender Paper Cost : Rs.10000/- (Online)
6. Available of Bid Document in the website : From 08.11.2024 to 17.30 hours of 19.11.2024
7. Date of Opening of Bid : Dt.20.11.2024 at 11.00 hours
8. The bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Chief Construction Engineer**
**Cuttack (R&B) Circle**
OIPR-34012/11/0009/2425

**ODISHA POWER GENERATION CORPORATION LIMITED**
OPGC Power for Progress
**CIN: U40104OR1984SGC001429**
**Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha, India**
**Phone: +91-674-2303765-66, Fax: +91-674-2303755-56, Website: www.opgc.co.in**

**POWER YOUR CAREER WITH OPGC**

**Odisha Power Generation Corporation Ltd. (OPGC)**, a Government of Odisha Company, operates state of the art thermal power plants at Ib Thermal Power Station (ITPS), Banharpalli, Jharsuguda. It has a total generation capacity of 1740 MW (2x210 MW in first phase and 2x660MW in second phase). We are looking for dynamic and result oriented professionals for the following positions under **Market Based Salary (MBS) structure and performance-based service conditions** on our regular rolls. Reservation laws as notified by Govt. of Odisha will be followed.

**A. O&M :**

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Manager - Civil | E4 | 1 |
| 2 | Manager - Quality | E4 | 1 |
| 3 | Assistant Manager - Quality | E1 | 2 |
| 4 | Assistant Manager - O&M (AHP Maintenance) | E1 | 2 |
| 5 | Assistant Manager - CHP | E1 | 3 |
| 6 | Assistant Manager - MGR | E1 | 1 |

**B. Human Resource :**

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Senior General Manager - HR & IR | E9 | 1 |

**C. Finance :**

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Manager - Finance | E4 | 3 |
| 2 | Assistant Manager - Finance | E1 | 4 |

For detailed advertisement, please logon to our website: www.opgc.co.in/careers. The last date for online application is **21.11.2024 and to receive the hardcopy of application is 28.11.2024**. Candidates are advised to go through the detailed advertisement carefully before applying. Corrigendum, if any will be published in our official website.

No. OPGC/CO/HR/03/2024 Dated : 06/11/2024

